# ସ୍ୱର୍ଣ୍ଣିମ ପ୍ରଭାତର ଆଗମନର ପର୍ବ –ମହାଶିବରାତ୍ରି

ଈଶ୍ୱରଙ୍କର ମହିମା ଅପରମଅପାର । ରାତ୍ରି ଶବ୍ଦ ଶିବଙ୍କ ସହିତ ଲାଗିବା, ଅନେକ ଆଧାତ୍ମିକ ରହସ୍ୟକୁ ଉନ୍ମୋଚନ କରିଥାଏ । ଏହା ବିଡ଼ମ୍ବନା ଯେ ଯେମିତି ଆମେ ରାତ୍ରିରେ ଶୋଇ ଥାଉ, ଏବେ ମଧ୍ୟ ଅଜ୍ଞାନତା ରୂପକ ରାତ୍ରିରେ ଆମେ ଶୋଇ ରହିଛୁ । ଏ ସମସ୍ତ ସୃଷ୍ଟିର ନିୟନ୍ତା, ଦେବାଦିଦେବ ମହାଦେବ ପରମପିତା ଶିବଙ୍କ ନାମ ସହ ରାତ୍ରି ଶବ୍ଦର ବ୍ୟାଖ୍ୟା ଅର୍ଥକୁ ଏବେ ମଧ୍ୟ ଆମେ ବୁଝି ନାହେଁ । କେବଳ ଶୁଣିଥିବା କଥା ଉପରେ ବିଶ୍ୱାସ କରି ଥାଉ । ଯଦି ଏହାର ବିବେକ ସମ୍ମତ ବିଶ୍ଳେଷଣ କରାଯାଏ ତେବେ ରାତ୍ରି ଶବ୍ଦର ବ୍ୟାଖ୍ୟାରେ ସମସ୍ତ ମନୁଷ୍ୟର କଲ୍ୟାଣ ଲୁଚି ରହିଛି ।

ଏହା ସର୍ବବିଦିତ ଯେ ରାତ୍ରି ପରେ ସକାଳ ଆସିବା ଅନିବାର୍ଯ୍ୟ । କ'ଣ ଏପରି ସକାଳ ସର୍ବଦା ଥାଏ ବା ପ୍ରଭାତ ପରେ ରାତ୍ରିର ଅନ୍ଧକାର ଆସି ନ ଥାଏ ? ହଁ, ସେ ନିରାଟ ସତ୍ୟ । ପରମାତ୍ମାଙ୍କର ରାତ୍ରି ଅଥବା ଶିବରାତ୍ରି ଶବ୍ଦର ଅର୍ଥ ବୁଝିବାପରେ ଯେଉଁ ପ୍ରଭାତ ଆସିଥାଏ ତାହା ସ୍ୱର୍ଣ୍ଣିମ ପ୍ରଭାତ ନେଇ ଆସେ । ତତ୍ ପଶ୍ଚାତ୍ ଅନେକ ଜନ୍ମ ପର୍ଯ୍ୟନ୍ତ ଅନ୍ଧକାର ଆସି ନ ଥାଏ । କାରଣ ସ୍ୱୟଂ ଭାଗ୍ୟ ବିଧାତା ଏପରି ଏକ ସକାଳକୁ ନେଇ ଆସିଥାନ୍ତି ଯାହାଦ୍ୱାରା ଲୌକିକ ଏବଂ ଅଲୌକିକ ଉଭୟର ସୁବର୍ଣ୍ଣ ପ୍ରଭାତ ପଦାର୍ପଣ କରିଥାଏ । ଭାରତୀୟ ତିଥି ଏବଂ ମାସ ଅନୁସାରେ ଫାଲ୍ଗୁନ ମାସ ଅମାବାସ୍ୟାର ଗୋଟିଏ ଦିନ ପୂର୍ବରୁ ପାଳନ କରାଯାଉଥିବା ମହାନ ଶିବରାତ୍ରି ପର୍ବ ସମସ୍ତଙ୍କର ବିଶେଷ ପର୍ବ । ଭାରତୀୟ ପାଞ୍ଜି ଅନୁସାରେ ଫାଲ୍ଗୁନ ମାସ ହେଉଛି ବର୍ଷର ଶେଷ ମାସ । ତତ୍ ପଶ୍ଚାତ୍ ପ୍ରାରମ୍ଭ ହୁଏ ଶୁକ୍ଳ ପକ୍ଷ ଅର୍ଥାତ ଶୁଭ ଘଡି, ଶୁଭମୁହୁର୍ତ୍ତ, ନକ୍ଷତ୍ର ମାନଙ୍କର ଶୁଭାଗମନ । ଅତଃ ରାତ୍ରିର ଅର୍ଥ ସୃଷ୍ଟି ଚକ୍ରର ଏପରି ସମୟ  ଯେତେବେଳେ କାମ, କ୍ରୋଧ, ଲୋଭ, ମୋହ, ଅହଂକାର ରୂପକ ଡକାୟତ ମନୁଷ୍ୟର ମୂଲ୍ୟ ସବୁକୁ ଚୋରିକରି ତାର ଜୀବନକୁ ଛିନ୍ନଭିନ୍ନ କରି ନିଜର ସାମ୍ରାଜ୍ୟ ସ୍ଥାପିତ କରିନିଏ । ଇତିହାସ ଏବଂ ଇତିହାସକାର ସାକ୍ଷୀ ଅଛନ୍ତି ଯେ ଅତୀତରେ ହୋଇଥିବା ଭୌତିକ ଏବଂ ଅଭୌତିକ ଘଟଣା ସବୁର ପ୍ରତୀକ ପର୍ବରୂପେ ବିଧିବିଧାନ ସହିତ ତାହାକୁ ବହୁକାଳ ପର୍ଯ୍ୟନ୍ତ ଜୀବନ୍ତ କରି ରଖି ଦିଆଯାଇଥାଏ ।

**ଶିବରାତ୍ରିର ଅର୍ଥ:-** ଦୁନିଆର ଦୁଃଖକୁ ଦୁର କରିବାବାଲା, ସର୍ବ କଲ୍ୟାଣକାରୀ ପରମାତ୍ମାଙ୍କ କର୍ତ୍ତବ୍ୟବାଚକ ନାମ "ଶିବ" ଅଟେ । ଶିବ ଅର୍ଥାତ କଲ୍ୟାଣକାରୀ ଏବଂ ରାତ୍ରି ଅଜ୍ଞାନତାର

ସୂଚକ । ଏହା ଏପରି ଏକ ରାତ୍ରି ଯେଉଁଥିରେ ମନୁଷ୍ୟକୁ କୌଣସି ସକାରାତ୍ମକତାର ଦୃଷ୍ଟିଗୋଚର ହୋଇ ନ ଥାଏ । ମାନବତାର ଜଳାଞ୍ଜଳିଦେଇ ସେ ଏପରି ଜୀବନ ବ୍ୟତୀତ କରିଚାଲେ, ଯାହାପାଇଁ ମାନବୀୟ ଶବ୍ଦକୋଶରେ ଶବ୍ଦ ନ ଥାଏ । ସଂସାରରେ ସବୁଠାରୁ ସର୍ବଶ୍ରେଷ୍ଠ ବିଚାରଶୀଳ ମନୁଷ୍ୟର କର୍ମ ଯେତେବେଳେ ଆସୁରୀ ହୋଇଯାଇଥାଏ, ଅଜ୍ଞାନତା ରୂପକ ରାତ୍ରିରେ ପରମାତ୍ମା ଅବତରିତ ହୋଇ ସଦଜ୍ଞାନ ଏବଂ ଈଶ୍ୱରୀୟ ଶକ୍ତି ଦ୍ୱାରା ମାନବୀୟ ଜୀବନର ପ୍ରକାଶ ସଞ୍ଚାରିତ କରିଥାନ୍ତି । ଏପରି ରାତ୍ରିରୁ ବାହାର କରି ଏକ ପ୍ରକାଶମୟ ଦୁନିଆକୁ ନେଇଯାଆନ୍ତି । ମାନବକୁ ପରିବର୍ତ୍ତନ କରି ଏକ ଦୈବୀ ସମାଜର ପୁନର୍ଗଠନର ଆଧାରଶୀଳା ରଖିଥାନ୍ତି । ଏଥିପାଇଁ ପରମାତ୍ମା ଶିବଙ୍କ ମହିମା ସର୍ବଦା ଦେବୀଦେବତାଙ୍କ ଦ୍ୱାରା ଗାୟନ ହୋଇଥାଏ ।ଏହାର ପ୍ରତୀକ ରୂପରେ ପରମାତ୍ମା ଶିବଙ୍କ ପୂଜା ଶିବଲିଙ୍ଗ ରୂପରେ ହୋଇଥାଏ ।

**<u>ସର୍ବୋଚ୍ଚ ପରମାତ୍ମାଙ୍କ ପୂଜା ଶିବଲିଙ୍ଗ ରୂପରେ କାହିଁକି ?</u>**

ପ୍ରାୟ ସବୁ ଦେବୀଦେବତା ମାନଙ୍କର ସାକାରୀ ବା ଆକାରୀ ରୂପ ଥାଏ, କିନ୍ତୁ ପରମାତ୍ମା ଶିବଙ୍କର କୌଣସି ପ୍ରକାରର ସ୍ଥୁଳରୂପର ପୂଜା ଦେଖାଯାଇ ନ ଥାଏ । ଦେଖାଇଥାନ୍ତି ତ କେବଳ ଶଙ୍କରଙ୍କର । ଶଙ୍କର ଅର୍ଥାତ ବିନାଶକାରୀ । ପରମାତ୍ମା ତ ସଦା କଲ୍ୟାଣକାରୀ ଅଟନ୍ତି । ଭାରତ ତଥା ସମ୍ପୂର୍ଣ୍ଣ ବିଶ୍ୱରେ ପରମାତ୍ମାଙ୍କର ପୂଜା ଶିବଲିଙ୍ଗ ରୂପରେ ହୋଇଥାଏ । ଭାରତରେ ମଧ୍ୟ ୧୨ ଟି ଜ୍ୟୋତିର୍ଲିଙ୍ଗର ପୂଜା ସର୍ବ ମାନ୍ୟ ଅଟେ । ୧୨ ଜ୍ୟୋତିର୍ଲିଙ୍ଗ ପରମାତ୍ମାଙ୍କ ବିଭିନ୍ନ ଦିବ୍ୟ କର୍ତ୍ତବ୍ୟର ସ୍ୱରୂପ ଏବଂ କର୍ମର ପ୍ରତୀକ । ଏହି ୧୨ଟି ଜ୍ୟୋତିର୍ଲିଙ୍ଗର ମନ୍ଦିରରେ କେବଳ ଶିବଙ୍କର ହିଁ ପୂଜା ହୋଇଥାଏ । ଶିବଲିଙ୍ଗର ଆକୃତି ଏବଂ ଲିଙ୍ଗରୂପରେ ଯେଉଁ ଚିହ୍ନସବୁ ରହିଛି, ସେ ସବୁର ଈଶ୍ୱରୀୟ ମହତ୍ୱ ଅଛି । କଳିଯୁଗ ଦୁନିଆରେ ଅର୍ଥାତ ବିକାରୀ ଦୁନିଆରେ ପରମାତ୍ମାଙ୍କ ଅବତରଣର ପ୍ରତୀକ ଭାବରେ ଲିଙ୍ଗ ମଧ୍ୟ କଳା କରି ଦିଆଯାଇଛି । ତାହା ଉପରେ ଚିତ୍ରିତ ତିନୋଟି ଗାର ସ୍ୱର୍ଣ୍ଣିମ ପ୍ରଭାତ ଆଣିଦେବାବାଲା ବ୍ରହ୍ମାଙ୍କ ଦ୍ୱାରା ସ୍ଥାପନା, ବିଷ୍ଣୁଙ୍କ ଦ୍ୱାରା ପାଳନା ଓ ଶଙ୍କରଙ୍କ ଦ୍ୱାରା ମହାବିନାଶକୁ ଦର୍ଶାଇଥାଏ । ଏ ସବୁର ଉର୍ଦ୍ଧ୍ୱରେ ଯେଉଁ ଲାଲ ବିନ୍ଦୁର ଚିହ୍ନ ଥାଏ, ତାହା ପରମାତ୍ମାଙ୍କର ସୂକ୍ଷ୍ମଜ୍ୟୋତି ସ୍ୱରୂପର ପ୍ରତୀକ ।

**ପରମାତ୍ମାଙ୍କ ମହାନ କାର୍ଯ୍ୟ:-**

ସମ୍ପୂର୍ଣ୍ଣ ବିଶ୍ୱରେ ଶାନ୍ତିର ସ୍ଥାପନା କରିବା,ପୁରୁଣା ଦୁନିଆକୁ ନୂଆ କରିବା, ସମସ୍ତ ମନୁଷ୍ୟାତ୍ମାଙ୍କୁ ବିକାର ଏବଂ ଖରାପ ସଂସ୍କାରରୁ ମୁକ୍ତ କରି ଦୈବୀ ସଂସ୍କାର କରିବା, ଦେବତ୍ୱ ସ୍ଥିତିକୁ ପ୍ରାପ୍ତ କରାଇବା ତାଙ୍କର ମୁଖ୍ୟ କର୍ତ୍ତବ୍ୟ । ପରମାତ୍ମା ଶିବ କଳିଯୁଗର ଅନ୍ତ ଏବଂ ସତ୍ୟଯୁଗର ଆଦି ସଂଗମଯୁଗରେ ସୃଷ୍ଟିରେ ଅବତରିତ ହୋଇ ନୂଆ ଦୁନିଆର ସ୍ଥାପନା କରିଥାନ୍ତି । ବର୍ତ୍ତମାନ ସମୟର ପରିସ୍ଥିତି ସବୁ ସମ୍ପୂର୍ଣ୍ଣ ପରିବର୍ତ୍ତନର ଅପେକ୍ଷାରେ ରହିଛି । ମାନବତା ଚିତ୍କାର କରୁଛି ଏବଂ ସମ୍ବେଦନା ବ୍ୟାକୁଳିତ ହୋଇ ଉଠୁଛି । ଏହିଭଳି ସମୟରେ ନିଜେ ପରମାତ୍ମା ଧରାପୃଷ୍ଠରେ ଅବତରିତ ହୋଇ ନିଜର ଦିବ୍ୟ କର୍ତ୍ତବ୍ୟ କରାଉଛନ୍ତି । ସହଜ ରାଜଯୋଗ ଓ ଧ୍ୟାନ ମାଧ୍ୟମରେ ଆତ୍ମା ଏବଂ ପରମାତ୍ମାଙ୍କ ମିଳନ ହୋଇଥାଏ । ଏହା ପରିବର୍ତ୍ତନର ଯୁଗ । ବିନାଶର ଲୀଳା ସମ୍ମୁଖରେ ଦଣ୍ଡାୟମାନ । ଏହି ଶିବରାତ୍ରି ଆପଣଙ୍କ ସମ୍ପୂର୍ଣ୍ଣ ଜୀବନର ପ୍ରତୀକ ହୋଇଯାଉ । ଆପଣଙ୍କ ଜୀବନରେ ସ୍ୱର୍ଣ୍ଣିମ ପ୍ରଭାତ ନେଇଆସୁ, ଏହା ଆମର ଶୁଭକାମନା । ଧ୍ୟାନ ରଖନ୍ତୁ ଏବେ ନୁହେଁ ତ କେବେ ନୁହେଁ । ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟକୁ ନିଜେ ପରମାତ୍ମା ଶିବ ସ୍ଥାପନା କରିଛନ୍ତି । ଏହି ସଂସ୍ଥା ୭୪ତମ ଶିବଜୟନ୍ତି ମହୋତ୍ସବ ପାଳନ କରୁଅଛି । ଏହି ସମାରୋହ ଭାରତ ଏବଂ ବିଶ୍ୱର ସମସ୍ତ ବ୍ରହ୍ମାକୁମାରୀ କେନ୍ଦ୍ରରେ ଆୟୋଜିତ କରାଯିବ । ଏହିପରି ମହତ୍ତ୍ୱପୂର୍ଣ୍ଣ ସମୟରେ ସମ୍ମିଳିତ ହୋଇ ମହାଶିବଜୟନ୍ତି ପର୍ବ ପାଳନ କରନ୍ତୁ ଯେପରି ଏହା ଆପଣଙ୍କ ଜୀବନକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରିଦେବ । ଏହା ହେଉଛି ଶିବରାତ୍ରିର ସନ୍ଦେଶ ଏବଂ ପରମାତ୍ମା ଶିବଙ୍କର ମଧ୍ୟ ସନ୍ଦେଶ । ଏଥିପାଇଁ ପରିବର୍ତ୍ତନର ଏହି ଘଡ଼ିସନ୍ଧି ମୁହୂର୍ତ୍ତରେ ନିଜକୁ ଚିହ୍ନି ସ୍ୱୟଂ ପରମାତ୍ମାଙ୍କ ସହ ଶିବଜୟନ୍ତି ପାଳନ କରନ୍ତୁ ॥ ଓମ୍ ଶାନ୍ତି ॥

**ବ୍ର.କୁ. ସୂର୍ଯ୍ୟମଣି**
**ଆବୁ ପର୍ବତ**
**ରାଜସ୍ଥାନ**